**Observation of Odia paksha for celebration of odia new year**

**from 1st April to 14th April 2025**

Odia Pakhya blends tradition and modern aspirations to celebrate Odisha's vibrant heritage and identity. Odisha embarks on a 14-day journey of pride and cultural splendour with the celebration of Odia Pakhya (the fortnight dedicated to Odisha & Odias

In a bid to promote the Odia language, literature, and culture, the state government has decided to celebrate Odia Pakhya for a fortnight from April 1 (Odia Day) to April 14 (Odia New Year), with pomp and grandeur. In this connection Sarbati Devi Women's College, Rajgangpur celebrated odia paksh as per the guidelines issued by Department of Higher Education, Govt of Odisha.

**ଓଡିଶା ସରକାର**

**ଉଚ୍ଚ ଶିକ୍ଷା ବିଭାଗ**

ପତ୍ର ସଂଖ୍ୟା 18311 DHE// ତା 03.04.25

HE-GIA-2B-MISC-04-2025

ପ୍ରେରକ :

ଶ୍ରୀ କାଳୀପ୍ରସନ୍ନ ମହାପାତ୍ର, ଭା .ପ୍ର .ସେ.

ନିର୍ଦ୍ଦେଶକ, ଉଚ୍ଚଶିକ୍ଷା ବିଭାଗ.

ପ୍ରାପ୍ତେଷୁ :

ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଏବଂ

ଅଧ୍ୟକ୍ଷା, ଅଧ୍ୟକ୍ଷ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ.

ମହାଶୟା / ମହାଶୟ,

ଏହି ମାସ ୦୧.୦୪.୨୫ ରୁ ୧୪.୦୪.୨୫ ପର୍ଯ୍ୟନ୍ତ **"ଓଡ଼ିଆ ପକ୍ଷ"** ପାଳନ କରାଯାଉଅଛି | ଏହି ଅବସରରେ ବିଭିନ୍ନ ଦିନ ମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ଯୋଜନା କରାଯାଇଅଛି | ଉଚ୍ଚ ଶିକ୍ଷା ବିଭାଗକୁ ୮ ଏପ୍ରିଲ **"ରକ୍ତଦାନ ଦିବସ"**, ୯ ଏପ୍ରିଲ **"ଆସ ବହିଟିଏ କିଣିବା ଦିବସ"**, ୧୧ ଏପ୍ରିଲ **"ଯୁବ ଲେଖକ ସମ୍ମିଳନୀ ଦିବସ"** ଭାବେ ପାଳନ କରିବାକୁ ଦାୟିତ୍ୱ ଦିଆଯାଇଅଛି | ଏହି ସମ୍ପର୍କରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି | ସେହି ନିର୍ଦ୍ଦେଶନାମାଟି ଆପଣମାନଙ୍କ ଗୋଚରାର୍ଥେ ଏଥି ସହ ସଂଲଗ୍ନ କରାଗଲା |

ଏହିସବୁ କାର୍ଯ୍ୟକ୍ରମ ଆପଣମାନେ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଆୟୋଜନ କରିବେ | ଧ୍ୟାନଦେବେ ଯେମିତି ପାଠ ପଢ଼ାରେ ବ୍ୟାଘାତ ନଘଟି ଏହିସବୁ କାର୍ଯ୍ୟକ୍ରମକୁ ସୁଚାରୁରୂପେ କରାଯାଇପାରିବ | ଓଡ଼ିଶାର ବରପୁତ୍ର ମାନଙ୍କ ବିଷୟରେ ଆଲୋଚନା, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କୁ ସଂଶ୍ଳିଷ୍ଟ କରାଇ ଆଲୋଚନା ଚକ୍ରକୁ ବୁଦ୍ଧିମନ୍ତ କରାଇପାରିବେ |

**"ଆସ ବହିଟିଏ କିଣିବା ଦିବସକୁ" ଏହିଭଳି ଭାବେ ପାଳନ କରିବେ :-**

ଓଡିଆଭାଷା ଓ ସଂସ୍କୃତି ଉପରେ ପର୍ଯ୍ୟବେଶିତ ଯେ କୌଣସି ଗୋଟିଏ ବହି ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ର-ଛାତ୍ରୀ ମାନେ ସେହିଦିନ କ୍ରୟ କରି ତାହାକୁ ଫୋଟୋ ମାଧ୍ୟମରେ Gio-Tag କରି ମହାବିଦ୍ୟାଳୟ ତରଫରୁ ପ୍ରଦର୍ଶନ କରିବାକୁ ଅନୁରୋଧ । ଏହାଦ୍ୱାରା ଓଡିଆ ଭାଷାରେ ଲିଖିତ ପୁସ୍ତକମାନଙ୍କୁ ପ୍ରୋତ୍ସାହନ ମିଳିବ ଏବଂ ଓଡିଆ ଭାଷା ଓ ସଂସ୍କୃତି, ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଜ୍ଞାନ ଲାଭ କରିପାରିବେ । ଏହା ଅପରିହାର୍ଯ୍ୟ ନୁହେଁ କେବଳ ଏକ ବିନମ୍ର ନିବେଦନ |

**ଯୁବ ଲେଖକ ଦିବସ :**

୧୧.୦୪.୨୦୨୫ ରେ "ଯୁବ ଲେଖକ ସମ୍ମିଳନୀ ଦିବସ" ମଧ୍ୟ ଜିଲ୍ଲା ସ୍ତରରେ ପାଳନ କରାଯିବ । ତାହା ପୂର୍ବରୁ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ମାନଙ୍କରେ +3 ଏବଂ PG ଛାତ୍ର-ଛାତ୍ରୀ ମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ସ୍ତରରେ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ଗଳ୍ପ, କବିତା ଏବଂ ପ୍ରବନ୍ଧ ଲେଖୁଥିବା ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗୀତା କରି ତନ୍ମଧ୍ୟରୁ ଶୀର୍ଷ ତିନି ଜଣଙ୍କୁ ପ୍ରତେକଟି ବିଭାଗ ଯଥା ଗଳ୍ପ, କବିତା ଏବଂ ପ୍ରବନ୍ଧରୁ

ଚୟନ କରି ୧୧ ଏପ୍ରିଲ ଦିନ ଜିଲ୍ଲା ସ୍ତରରେ ହେବାକୁ ଥିବା ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବା ପାଇଁ ବ୍ୟବସ୍ଥା କରିବେ । ଏହି ଗଳ୍ପ, କବିତା, ପ୍ରବନ୍ଧ, ଓଡ଼ିଆ ଏବଂ ଓଡ଼ିଶାର ଇତିହାସ, ପରମ୍ପରା, କଳା, ଐତିହ, ଏବଂ ଭବିଷ୍ୟତ ର ଓଡିଶା କିଭଳି ରୂପରେଖ ନେବ ତାହାରି ଉପରେ କେନ୍ଦ୍ରିତ ଥିବା ଆବଶ୍ୟକ |

ମାନ୍ୟବର ମନ୍ତ୍ରୀଙ୍କ ସ୍ୱାକ୍ଷର ବହନ କରୁଥିବା ମାନପତ୍ର ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ର-ଛାତ୍ରୀ ଙ୍କୁ ପ୍ରଦାନ କରାଯିବ ।

ଆପଣଙ୍କର ବିଶ୍ୱସ୍ତ,

ନିର୍ଦ୍ଦେଶକ, ଉଚ୍ଚ ଶିକ୍ଷା ବିଭାଗ

Sub/Sanjaya Sr/Aao 16

ଓଡ଼ିଶା ସାହିତ୍ୟ ଏକାଡେମୀ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧ ୦୧୪
ଦୂରଭାଷ-(୦୬୭୪) ୨୪୩୧୮୪୦

Phone - (0674) 2431840

# ODISHA SAHITYA AKADEMI

(A State Academy of Letters)
Odia Language, Literature & Culture Deptt.,Govt. of Odisha
SANSKRUTI BHAVAN: BHUBANESWAR - 751014

website:odishasahityaakademi.org , E-mail: odishasahityaakademi@gmail.com

ନଂ ୧୮୧ /ଓ.ସା.ଏ., ଭୁବନେଶ୍ୱର, ତା. ୭/୦୪/ ୨୫

ପ୍ରେରକ : ଡକ୍ଟର ଚନ୍ଦ୍ରଶେଖର ହୋତା, ଓ.ପ୍ର.ସେ.-୧ (ବରିଷ୍ଠ)
ସଚିବ

ପ୍ରାପକ ନିର୍ଦ୍ଦେଶକ
ଉଚ୍ଚଶିକ୍ଷା ବିଭାଗ
ଭୁବନେଶ୍ୱର

ବିଷୟ : 'ଓଡ଼ିଆ ପକ୍ଷ' ସାରସ୍ୱତ କାର୍ଯ୍ୟକ୍ରମ ଉପଲକ୍ଷେ ଆପଣଙ୍କ ଅଧୀନସ୍ଥ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ରତ ଯୁବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଳ୍ପ, କବିତା, ପ୍ରବନ୍ଧ ଓ ଉପନ୍ୟାସ ବିଷୟକୁ ଆଧାର କରି ଏହାର ଆୟୋଜନ କରାଯିବା ସଂପର୍କରେ।

ମହାଶୟ,

ଉପରୋକ୍ତ ବିଷୟ ମତେ ୧ ଅପ୍ରେଲ ୨୦୨୫ ଉତ୍କଳ ଦିବସ ଠାରୁ ୧୪ ଅପ୍ରିଲ ୨୦୨୫ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ଧାରାବାହିକ ଭାବେ ପ୍ରଚଳିତ ନୀତିନିୟମ ମତେ ସ୍ଥିରୀକୃତ 'ଓଡ଼ିଆ ପକ୍ଷ'କୁ ଆଧାର କରି ରାଜ୍ୟ ସରକାର ଜିଲ୍ଲାସ୍ତରରେ ବିଭିନ୍ନ ସାରସ୍ୱତ ସମାବେଶ ବହୁ ଆଡ଼ମ୍ବରରେ ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ନିର୍ଦ୍ଧାରଣ କରାଯାଇଥିବା 'ଓଡ଼ିଆ ପକ୍ଷ' ନିମନ୍ତେ ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାରେ ଆୟୋଜନ କରାଯିବା ପାଇଁ ସ୍ଥିରୀକୃତ ହୋଇଅଛି। ଏଥିନିମନ୍ତେ ଆସନ୍ତା ତା ୧୧.୦୪.୨୦୨୫ ରିଖ ଦିନ ୩୦ ଗୋଟି ଜିଲ୍ଲାରେ ଅବସ୍ଥିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରରେ ଅଧ୍ୟୟନରତ ଯୁବ ଲେଖକ/ଲେଖିକାଙ୍କ ମଧ୍ୟରେ ଗଳ୍ପ, କବିତା, ପ୍ରବନ୍ଧ ଓ ଉପନ୍ୟାସ ବିଷୟକୁ ଆଧାର କରି ଏକ ଯୁବ ଲେଖକ ସମାବେଶ ଆୟୋଜନ କରାଯିବାକୁ ସ୍ଥିର କରାଯାଇଅଛି। ଏଣୁ ଆପଣଙ୍କ ଅଧୀନସ୍ଥ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଯୁବ ଲେଖକ/ଲେଖିକାଙ୍କ ମଧ୍ୟରେ ଗଳ୍ପ, କବିତା, ପ୍ରବନ୍ଧ ଓ ଉପନ୍ୟାସ ବିଷୟକୁ ଆଧାର କରି ଏକଦିବସୀୟ ଯୁବ ଲେଖକ/ଲେଖିକା ସମାବେଶ ଆୟୋଜନ କରାଯିବାକୁ ସରକାରଙ୍କ ପକ୍ଷରୁ ସ୍ଥିର କରାଯାଇଅଛି। ତେଣୁ ନିର୍ଦ୍ଧାରିତ ଦିବସକୁ ଦୃଷ୍ଟିରେ ରଖି ହେବାକୁଥିବା ସମାବେଶଟିର ସଫଳ ରୂପାୟନ ଦିଗରେ ଆପଣଙ୍କ ସାହାଯ୍ୟ ଓ ସହଯୋଗ ଏକାନ୍ତ କାମ୍ୟ । ଏହି ସମାବେଶଟିର ପରିଚାଳନା ଜନିତ ବ୍ୟୟ ହେବାକୁଥିବା ଖର୍ଚ୍ଚ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଆପଣଙ୍କ ସହିତ ଆଲୋଚନା କରାଯାଇ ଏହାକୁ ଏକାଡେମୀ ପକ୍ଷରୁ ପରିଶୋଧ କରାଯିବ।

**କାର୍ଯ୍ୟକ୍ରମର ସଂଭାବିତ ରୂପରେଖ-**

ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଲେଖକ/ଲେଖିକା ଏଥିରେ ଭାଗ ନେବେ। ପ୍ରଥମେ ମହାବିଦ୍ୟାଳୟ

ଏବଂ ବିଶ୍ୱବିଦ୍ୟାଳୟସ୍ତରୀୟ ଗଳ୍ପ, କବିତା, ପ୍ରବନ୍ଧ ଓ ଉପନ୍ୟାସ ଲେଖୁଥିବା ଯୁବ ଲେଖକ/ଲେଖିକା ଚୟନ ଅପ୍ରେଲ ୮ ତାରିଖ ଭିତରେ କରାଯିବ। ଏଥିପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟାପକଙ୍କୁ ସଂଯୋଜକ ଭାବେ ଅଧକ୍ଷ ନିଯୁକ୍ତ କରିବେ। ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କ ପାଇଁ ଜଳଯୋଗ, ବ୍ୟାନର ପ୍ରଭୃତି ଖର୍ଚ୍ଚ ମହାବିଦ୍ୟାଳୟ ବହନ କରିବେ। ସରକାରଙ୍କ ନିଷ୍ପତ୍ତି ଅନୁସାରେ ଏପ୍ରିଲ ୧୧ ତାରିଖ ଦିନ ଜିଲ୍ଲାସ୍ତରୀୟ ଯୁବ ଲେଖକ/ଲେଖିକା ସମ୍ମିଳନୀ ଆୟୋଜନ କରାଯିବ। ଜିଲ୍ଲାର ପ୍ରତ୍ୟେକ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରୁ ପ୍ରତ୍ୟେକ ବିଭାଗରୁ ଅନ୍ୟୂନ ତିନିଜଣ ଯୁବ: ଲେଖକ/ଲେଖିକା ଏବଂ ମହାବିଦ୍ୟାଳୟସ୍ତରୀୟ ସଂଯୋଜକ ଯୋଗଦେବେ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ନିର୍ଦ୍ଧାରିତ ସମାବେଶ ସ୍ଥାନକୁ ଆସିବା ଯିବାର ବ୍ୟବସ୍ଥା ସ୍ଥାନୀୟ ଅଧକ୍ଷଙ୍କୁ କରିବାକୁ ଅନୁରୋଧ। ତେଣୁ ଜିଲ୍ଲାର ମହାବିଦ୍ୟାଳୟ ସଂଖ୍ୟାକୁ ଦେଖି ଏକ ସଭାଗୃହ, ଜିଲ୍ଲା ସଂସ୍କୃତି ଅଧିକାରୀ ଓ ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷଙ୍କ ନିର୍ଦ୍ଦେଶ କ୍ରମେ ସ୍ଥିର କରାଯିବ। ଯେଉଁଠି ସଭାଗୃହ ନାହିଁ, ସେ ଜିଲ୍ଲାରେ ଥିବା ଏକ ବଡ଼ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ସଭାଗୃହରେ ମଧ୍ୟ ଏହି ସମ୍ମିଳନୀ କରାଯାଇପାରିବ। ଜିଲ୍ଲା ସଂସ୍କୃତି ଅଧିକାରୀ ଏବଂ ମହାବିଦ୍ୟାଳୟ ସଂଯୋଜକଙ୍କୁ ନେଇ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରି ମହାବିଦ୍ୟାଳୟର କାର୍ଯ୍ୟକ୍ରମ ନିରୀକ୍ଷଣ କରିବେ। ଏପ୍ରିଲ ୧୧ ତାରିଖ ଦିନ ପୂର୍ବାହ୍ନ ୧୦.୩୦ଘଟିକାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ମଧ୍ୟାହ୍ନ ପୂର୍ବରୁ ଜିଲ୍ଲା ମହାବିଦ୍ୟାଳୟ ଓ ବିଶ୍ୱମହାବିଦ୍ୟାଳୟମାନଙ୍କରୁ ଆସିଥିବା ଯୁବ ଲେଖକ/ଲେଖିକାଙ୍କ ମଧ୍ୟରେ କେବଳ କବିତା, ଗଳ୍ପ, ପ୍ରବନ୍ଧ ଓ ଉପନ୍ୟାସ ପ୍ରତିଯୋଗିତା ଚାରୋଟି ସମ୍ମାନରେ କରାଯିବ। ଉଦାହରଣ ଭାବେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ କବିତା ପାଇଁ ଆସିଥିବା ଯୁବ ଲେଖକ/ଲେଖିକା ଜିଲ୍ଲାସ୍ତରୀୟ କବିତା ଲେଖନୀ ପ୍ରତିଯୋଗିତାରେ ହିଁ ଭାଗ ନେଇପାରିବେ। ଅପରାହ୍ନରେ ଏକ ସାଧାରଣ ସଭା କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭ କରିଥିବା ଯୁବ ଲେଖକ/ଲେଖିକାଙ୍କୁ ସମ୍ମାନିତ କରିବେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧି, ବିଶିଷ୍ଟ ଲେଖକ/ଲେଖିକା, ସାହିତ୍ୟିକ ଓ ବିଷୟ ବିଶେଷଜ୍ଞଙ୍କୁ ଦିଗ୍‌ଦର୍ଶକ ଭାବେ ଆମନ୍ତ୍ରଣ କରିବାକୁ ଅନୁରୋଧ। ଏହି ସମସ୍ତ କାର୍ଯ୍ୟକ୍ରମର ଜିଇଓ ଟ୍ୟାଗ୍ ଫଟୋ ଏବଂ ଭିଡ଼ିଓ ହେବା ଜରୁରୀ। ଜିଲ୍ଲା ସଂସ୍କୃତି ଅଧିକାରୀ ଅପ୍ରେଲ ୧୫ ତାରିଖ ସୁଦ୍ଧା ସମସ୍ତ ଖର୍ଚ୍ଚର ବିବରଣୀ, ସମସ୍ତ ଦସ୍ତାବିଜ୍ ସହ ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷଙ୍କ ସ୍ୱାକ୍ଷରରେ ଓଡ଼ିଶା ସାହିତ୍ୟ ଏକାଡେମୀରେ ଦାଖଲ କରିବେ। ଜିଲ୍ଲା ସଂସ୍କୃତି ଅଧିକାରୀ ଏବଂ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଏ ସମସ୍ତ କାର୍ଯ୍ୟକ୍ରମ ଯେପରି ସମସ୍ତ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବ ସେ ଦିଗରେ ପ୍ରୟାସ କରିବେ। ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମଟିକୁ ତତ୍ତ୍ୱାବଧାନ କରିବାକୁ ଅନୁରୋଧ କରୁଅଛି।

ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟଙ୍କ ବ୍ୟତୀତ ଏ କାର୍ଯ୍ୟକ୍ରମଟିକୁ ସହଯୋଗ କରିବା ପାଇଁ ଏକାଡେମୀ ପକ୍ଷରୁ ଦିଆଯାଇଥିବା ଜିଲ୍ଲାଓ୍ୱାରୀ ବିଶିଷ୍ଟ ସାହିତ୍ୟିକା/ସାହିତ୍ୟିକାଙ୍କ ତାଲିକା ଏଥିସହିତ ସଂଗ୍ରଥିତ।

ଆପଣଙ୍କର ବିଶ୍ୱସ୍ତ

ସଚିବ

ଓଡ଼ିଶା ସାହିତ୍ୟ ଏକାଡେମୀ

# "ଓଡ଼ିଆ ପକ୍ଷ" ପାଳନ ନିମନ୍ତେ କାର୍ଯ୍ୟସୂଚୀ

୧ ଏପ୍ରିଲ - ଓଡ଼ିଶା ଦିବସ [ସୂଚନା ଓ ଲୋକସମ୍ପର୍କ ବିଭାଗ/ ସମସ୍ତ ଜିଲ୍ଲାପାଳ ]

୨ ଏପ୍ରିଲ- ଖଡ଼ିଛୁଆଁ ଦିବସ [ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ / ମହିଳା ଓ ଶିଶୁ ବିକାଶ ବିଭାଗ ]

୩ ଏପ୍ରିଲ- ପାରମ୍ପରିକ ପୋଷାକ ପରିଧାନ ଦିବସ- " ଆମ ପୋଷାକ ଆମ ପରିଚୟ " [ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ]

୪ ଏପ୍ରିଲ - ଓଡିଆରେ ନାମ ଫଳକ ଅଭିଯାନ - ସଚେତନତା ପଦଯାତ୍ରା [ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ]

୫ ଏପ୍ରିଲ- ଐତିହ୍ୟ ଗଣ ଦୌଡ, ଭୁବନେଶ୍ୱର [କ୍ରୀଡା ଓ ଯୁବସେବା ବିଭାଗ ]

୬ ଏପ୍ରିଲ- ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକର ସ୍ୱଚ୍ଛତା ଅଭିଯାନ [ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ / ପର୍ଯ୍ୟଟନ ବିଭାଗ/ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ/ ସହରାଞ୍ଚଳ ଓ ନଗର ଉନ୍ନୟନ ବିଭାଗ/ ବ୍ଲକ ସମୁହ ]

୭ ଏପ୍ରିଲ- ବର୍ଣ୍ଣବୋଧ ବଣ୍ଟନ- ବର୍ଣ୍ଣବୋଧ ଉତ୍ସବ [ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ/ ଓଡ଼ିଆ ଭାଷା ପ୍ରତିଷ୍ଠାନ ]

୮ ଏପ୍ରିଲ- ରକ୍ତଦାନ ଦିବସ [ ରେଡ଼କ୍ରସ/ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ/ଉଚ୍ଚ ଶିକ୍ଷା ବିଭାଗ]

୯ ଏପ୍ରିଲ- ଆସ ବହିଟିଏ କିଣିବା ଦିବସ [ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ / ଉଚ୍ଚ ଶିକ୍ଷା ବିଭାଗ]

୧୦ ଏପ୍ରିଲ- ଲୋକକଳା ପାଇଁ ଦିନଟିଏ,ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ଓ କଳାଗ୍ରାମ ପରିଦର୍ଶନ [ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ/ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ]

୧୧ ଏପ୍ରିଲ- ଯୁବ ଲେଖକ ସମ୍ମିଳନୀ [ ଓଡ଼ିଶା ସାହିତ୍ୟ ଏକାଡେମୀ/ ଉଚ୍ଚ ଶିକ୍ଷା ବିଭାଗ/ କ୍ରୀଡା ଓ ଯୁବସେବା ବିଭାଗ ]

୧୨ ଏପ୍ରିଲ- ଓଡ଼ିଶାର ବରପୁତ୍ର ମାନଙ୍କ ଉପରେ ଆଲୋଚନା [ ଓଡ଼ିଶା ସାହିତ୍ୟ ଏକାଡେମୀ/ଜିଲ୍ଲା ପ୍ରଶାସନ]

୧୩ ଏପ୍ରିଲ- ପାରମ୍ପରିକ ଖାଦ୍ୟ ଦିବସ ପାଳନ- ଆମ ରୁଚି ଆମ ଖାଦ୍ୟ [ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ/ ସହରାଞ୍ଚଳ ଓ ନଗର ଉନ୍ନୟନ ବିଭାଗ ]

୧୪ ଏପ୍ରିଲ- ଓଡ଼ିଆ ନବବର୍ଷ ପାଳନ ,ହୁଳହୁଳି, ଝୋଟି ,ଚିତା, ମୁରୁଜ, ପିଠା ପଣା ପ୍ରତିଯୋଗିତା, [ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ/ ସହରାଞ୍ଚଳ ଓ ନଗର ଉନ୍ନୟନ ବିଭାଗ/ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ]

ଏହା ବ୍ୟତୀତ ପ୍ରତିଦିନ ଉପରୋକ୍ତ ବିଷୟବସ୍ତୁ ଉପରେ ସେଲଫି ଅପଲୋଡ କରିବା, ଅନଲାଇନ ମାଧ୍ୟମରେ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯିବା ପାଇଁ ପ୍ରସ୍ତାବ ରଖାଯାଇଛି । [ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ/ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ]

# ଅଧ୍ୟକ୍ଷା ଙ୍କ କାର୍ଯ୍ୟାଳୟ

## ସରବତୀ ଦେବୀ ମହିଳା ମହାବିଦ୍ୟାଳୟ, ରାଜଗାଙ୍ଗପୁର

### <u>ବିଜ୍ଞପ୍ତି</u>

ପତ୍ର ସଂଖ୍ୟା- 534 / SDWC  ତାରିଖ- ୦୮/୦୪/୨୦୨୫

---

ଏତଦଦ୍ବାରା ସମସ୍ତ ଅଧ୍ୟାପକ/ଅଧ୍ୟାପିକାଙ୍କୁ ଅବଗତ କରି ଦିଆ ଯାଉଅଛି ଯେ, ପତ୍ର ସଂଖ୍ୟା ୧୮୩୭୧ DHE/ତାରିଖ – ୦୩/୦୪/୨୦୨୫, ଉଚ୍ଚଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ଦ୍ବାରା "ଓଡ଼ିଆ ପକ୍ଷ ଦିବସ"ପାଳନ ନିମନ୍ତେ ସମସ୍ତ ମହାବିଦ୍ୟାଳୟ/ବିଶ୍ଵବିଦ୍ୟାଳୟ କୁ ନିର୍ଦ୍ଦେଶ ପତ୍ର ଦିଆ ଯାଇଅଛି l ସୂଚନା ଯୋଗ୍ୟ ଯେ, ଚଳିତ ବର୍ଷ ପ୍ରଥମ ଥର ପାଇଁ ଏପ୍ରିଲ ମାସ ୧ ତାରିଖ ଉତ୍କଳ ଦିବସ ଠାରୁ ଓଡ଼ିଆ ନବବର୍ଷ ପ୍ରଯ୍ୟନ୍ତ ମହା ଆଡମ୍ବର ପୁର୍ଣ ସହ ପାଳନ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆହ୍ଵାନ କ୍ରମେ ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରା, ଐତିହ୍ୟ,ଚାଳି ଚଳଣି ଓ ଖାଦ୍ୟ ପରମ୍ପରା ଉପରେ ଆଧାରିତ ଅନେକ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଏଥିରେ ସାମିଲ ଅଛି l ଏହି ଅବସରରେ ଆସନ୍ତା କାଲି ତାରିଖ ୦୯/୦୪/୨୦୨୫ ସମୟ ୧୧:୩୦ ଘଟିକା ସରବତୀ ମହିଳା ମହାବିଦ୍ୟାଳୟ ରେ "ଆସ ବହିଟିଏ କିଣିବା" କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ l ତେଣୁ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ବିଶେଷ ବିଶେଷ ଅନୁରୋଧ ସ୍ଵେଚ୍ଛାକୃତ ଭାବେ ଓଡ଼ିଆ ଆଧାରିତ ଯେ କୌଣସି ପୁସ୍ତକ କ୍ରୟ କରି ଉକ୍ତ "ଓଡ଼ିଆ ପକ୍ଷ ଦିବସକୁ"ଲୋକାର୍ପିତ କରନ୍ତୁ l ସମସ୍ତଙ୍କୁ ଆହ୍ଵାନ କରୁଛି ଏକ ବ୍ୟାପକ ପ୍ରଚାର ପ୍ରସାର ସହ ଜନ ଆନ୍ଦୋଳନରେ ପରିଣତ କରି ଓଡିଶାକୁ ଏବଂ ଓଡ଼ିଶାର ପ୍ରତିଟି ଉପାଦାନକୁ ବିଶ୍ଵ ବିଦିତ କରିବାରେ ନିଜର ଯୋଗଦାନ ରଖିବା l

(Signature) 08.04.25
ଅଧ୍ୟକ୍ଷା

Principal
Sarbati Devi Women's College
Rajgangpur-770017
ସରବତୀ ଦେବୀ ମହିଳା ମହାବିଦ୍ୟାଳୟ
ରାଜଗାଙ୍ଗପୁର

ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ,

ସରବତୀ ଦେବୀ ମହିଳା ମହାବିଦ୍ୟାଳୟ , ରାଜଗାଙ୍ଗପୁର

## ସୂଚନା

ପତ୍ର ସଂଖ୍ୟା...554.../SDWC                                   ତାରିଖ...11.04.25

---

ଏତଦଦ୍ୱାରା ସମସ୍ତ ଅଧ୍ୟାପିକା/ଅଧ୍ୟାପକ/ଛାତ୍ରୀମାନଙ୍କୁ ଅବଗତ କରି ଦିଆ ଯାଉଅଛି ଯେ, **"ଓଡ଼ିଆ ପକ୍ଷ ଦିବସ"** ଅବସରରେ ଆସନ୍ତା କାଲି ତାରିଖ ୧୨.୦୪.୨୦୨୫ , ସମୟ ୧୧.୩୦ ଘଟିକା , ମହାବିଦ୍ୟାଳୟ ସମ୍ମୁଖରେ **"ପୋଷାକ ଦିବସ"** ପାଳନ କରା ଯିବ । ତେଣୁ ସମସ୍ତଙ୍କୁ ଅନୁରୋଧ ଆସନ୍ତାକାଲି ରଙ୍ଗ ବେରଙ୍ଗ ର ପାରମ୍ପରିକ ପୋଷାକ **(ସମ୍ବଲପୁରୀ ବସ୍ତ୍ର)** ପରିଧାନ କରି ନିର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ ରହିବେ ।

11.04.25

Principal
Sarbati Devi Women's College
Rajgangpur,-770017

11/4/25

ଅଧ୍ୟକ୍ଷା
ସରବତୀ ଦେବୀ ମହିଳା ମହାବିଦ୍ୟାଳୟ
ରାଜଗାଙ୍ଗପୁର









ଓଡ଼ିଆ ପକ୍ଷ
୨୦୨୫

# ଓଡ଼ିଆ ପକ୍ଷ -୨୦୨୫

## ପ୍ରମାଣ ପତ୍ର

ସପନ କୁମାର ପଣ୍ଡା ଜିଲ୍ଲା ସୁନ୍ଦରଗଡ଼

ଆପଣ ଓଡ଼ିଆ ପକ୍ଷ ଅବସରରେ ସେଲ୍ଫି ପଠାଇ ସମର୍ଥନ ଜଣାଇଥିବାରୁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଆପଣଙ୍କ ଅବଦାନକୁ ସ୍ୱୀକୃତି ଜଣାଇବା ସହିତ ଅଭିନନ୍ଦନ ଜଣାଉଛୁ ।

ଆସନ୍ତୁ, ସଭିଏଁ ମିଶି ଆମ ସଂସ୍କୃତି ଓ ପରମ୍ପରାକୁ
ବିଶ୍ୱ ଦୃଶ୍ୟପଟରେ ଆହୁରି ଲୋକପ୍ରିୟ କରିବା ।

୦୯/୦୪/୨୦୨୫
ତାରିଖ

ଆନ୍ତରିକ ଧନ୍ୟବାଦ ସହିତ
ସୂର୍ଯ୍ୟବଂଶୀ ସୂରଜ
ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ

୩ ଓଡ଼ିଆ ପକ୍ଷ ୨୦୨୫

# ଓଡ଼ିଆ ପକ୍ଷ -୨୦୨୫

## ପ୍ରମାଣ ପତ୍ର

ସଚିମ୍ ମିଞ୍ଜ୍ ..................... ଜିଲ୍ଲା ........ ସୁନ୍ଦରଗଡ଼

ଆପଣ ଓଡ଼ିଆ ପକ୍ଷ ଅବସରରେ ସେଲ୍ଫି ପଠାଇ ସମର୍ଥନ ଜଣାଇଥିବାରୁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଆପଣଙ୍କ ଅବଦାନକୁ ସ୍ୱୀକୃତି ଜଣାଇବା ସହିତ ଅଭିନନ୍ଦନ ଜଣାଉଛୁ ।

ଆସନ୍ତୁ, ସଭିଏଁ ମିଶି ଆମ ସଂସ୍କୃତି ଓ ପରମ୍ପରାକୁ
ବିଶ୍ୱ ଦୃଶ୍ୟପଟରେ ଆହୁରି ଲୋକପ୍ରିୟ କରିବା ।

୦୯/୦୪/୨୦୨୫
ତାରିଖ

ଆନ୍ତରିକ ଧନ୍ୟବାଦ ସହିତ
ସୂର୍ଯ୍ୟବଂଶୀ ସୂରଜ
ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ



୩ ଓଡ଼ିଆ ପକ୍ଷ ୨୦୨୫

# ଓଡ଼ିଆ ପକ୍ଷ ୨୦୨୫

## ପ୍ରମାଣପତ୍ର

ସପନ କୁମାର ପଣ୍ଡା

ଓଡ଼ିଆ ପକ୍ଷ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଆପଣଙ୍କର ଅବଦାନକୁ ସ୍ୱୀକୃତି ଜଣାଇବା ସହିତ ଅଭିନନ୍ଦନ ଜଣାଉଛୁ ।

ଆସନ୍ତୁ, ସଭିଏଁ ମିଶି ଆମ ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ
ବିଶ୍ୱ ଦୃଶ୍ୟପଟରେ ଆହୁରି ଲୋକପ୍ରିୟ କରିବା ।

୦୯/୦୪/୨୦୨୫
ତାରିଖ

ଆନ୍ତରିକ ଧନ୍ୟବାଦ ସହିତ,
ସୂର୍ଯ୍ୟବଂଶୀ ସୂରଜ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର



୩ ଓଡ଼ିଆ ପକ୍ଷ ୨୦୨୫

# ଓଡ଼ିଆ ପକ୍ଷ ୨୦୨୫

## ପ୍ରମାଣପତ୍ର

ରଜନୀ ଓରାମ୍

ଓଡ଼ିଆ ପକ୍ଷ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଆପଣଙ୍କର ଅବଦାନକୁ ସ୍ୱୀକୃତି ଜଣାଇବା ସହିତ ଅଭିନନ୍ଦନ ଜଣାଉଛୁ ।

ଆସନ୍ତୁ, ସଭିଏଁ ମିଶି ଆମ ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ
ବିଶ୍ୱ ଦୃଶ୍ୟପଟରେ ଆହୁରି ଲୋକପ୍ରିୟ କରିବା ।

୦୯/୦୪/୨୦୨୫
ତାରିଖ

ଆନ୍ତରିକ ଧନ୍ୟବାଦ ସହିତ,
ସୂର୍ଯ୍ୟବଂଶୀ ସୂରଜ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

# ଓଡ଼ିଆ ପକ୍ଷ -୨୦୨୫

## ପ୍ରମାଣ ପତ୍ର

ଓଡ଼ିଆ ପକ୍ଷ
୨୦୨୫

ରଜନୀ ଓରାମ୍ ଜିଲ୍ଲା ସୁନ୍ଦରଗଡ଼

ଆପଣ ଓଡ଼ିଆ ପକ୍ଷ ଅବସରରେ ସେଲ୍ଫି ପଠାଇ ସମର୍ଥନ ଜଣାଇଥିବାରୁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଆପଣଙ୍କ ଅବଦାନକୁ ସ୍ୱୀକୃତି ଜଣାଇବା ସହିତ ଅଭିନନ୍ଦନ ଜଣାଉଛୁ ।

ଆସନ୍ତୁ, ସଭିଏଁ ମିଶି ଆମ ସଂସ୍କୃତି ଓ ପରମ୍ପରାକୁ
ବିଶ୍ୱ ଦୃଶ୍ୟପଟରେ ଆହୁରି ଲୋକପ୍ରିୟ କରିବା ।

୦୯/୦୪/୨୦୨୫
ତାରିଖ

ଆନ୍ତରିକ ଧନ୍ୟବାଦ ସହିତ
ସୂର୍ଯ୍ୟବଂଶୀ ସୂରଜ
ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ

---

# ଓଡ଼ିଆ ପକ୍ଷ -୨୦୨୫

## ପ୍ରମାଣ ପତ୍ର

ଓଡ଼ିଆ ପକ୍ଷ
୨୦୨୫

ଡ଼ ସରିତା କିଣ୍ଡୋ ଜିଲ୍ଲା ସୁନ୍ଦରଗଡ଼

ଆପଣ ଓଡ଼ିଆ ପକ୍ଷ ଅବସରରେ ସେଲ୍ଫି ପଠାଇ ସମର୍ଥନ ଜଣାଇଥିବାରୁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଆପଣଙ୍କ ଅବଦାନକୁ ସ୍ୱୀକୃତି ଜଣାଇବା ସହିତ ଅଭିନନ୍ଦନ ଜଣାଉଛୁ ।

ଆସନ୍ତୁ, ସଭିଏଁ ମିଶି ଆମ ସଂସ୍କୃତି ଓ ପରମ୍ପରାକୁ
ବିଶ୍ୱ ଦୃଶ୍ୟପଟରେ ଆହୁରି ଲୋକପ୍ରିୟ କରିବା ।

୦୯/୦୪/୨୦୨୫
ତାରିଖ

ଆନ୍ତରିକ ଧନ୍ୟବାଦ ସହିତ
ସୂର୍ଯ୍ୟବଂଶୀ ସୂରଜ
ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ

---



# ଓଡ଼ିଆ ପକ୍ଷ ୨୦୨୫

## ପ୍ରମାଣପତ୍ର

**ସଚିମ ମିଞ୍ଜ୍**

ଓଡ଼ିଆ ପକ୍ଷ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଆପଣଙ୍କର ଅବଦାନକୁ ସ୍ୱୀକୃତି ଜଣାଇବା ସହିତ ଅଭିନନ୍ଦନ ଜଣାଉଛୁ ।

ଆସନ୍ତୁ, ସଭିଏଁ ମିଶି ଆମ ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ
ବିଶ୍ୱ ଦୃଶ୍ୟପଟରେ ଆହୁରି ଲୋକପ୍ରିୟ କରିବା ।

୦୯/୦୪/୨୦୨୫
ତାରିଖ

ଆନ୍ତରିକ ଧନ୍ୟବାଦ ସହିତ,
ସୂର୍ଯ୍ୟବଂଶୀ ସୂରଜ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

POSAKA DIBAS








PRABANDHA LIKHANA









# मनाया गया एक किताब खरीदने का दिन, भाषा को बढ़ावा देने का प्रयास




शरवती देवी महिला महाविद्यालय में मनाया गया एक किताब खरीदने का दिन ● जागरण

**संसू, जागरण● राजगांगपुर :** ओडिया पंचांग के अनुसार गुरुवार वर्ष का ९वां दिन प्रदेशभर में एक खास उद्देश्य के साथ मनाया गया- एक किताब खरीदने का दिन। इस दिन का मुख्य उद्देश्य ओडिया भाषा, साहित्य व पढ़ने की संस्कृति को बढ़ावा देना है, ताकि नई पीढ़ी अपनी मातृभाषा से जुड़ाव महसूस कर सके। सरस्वती देवी महिला महाविद्यालय में इस अवसर पर एक विशेष कार्यक्रम का आयोजन किया गया। कालेज की छात्राओं, शिक्षकों, शिक्षिकाओं व कर्मचारियों ने उत्साहपूर्वक ओडिया पुस्तकों की खरीदारी की और इस सांस्कृतिक पहल में अपनी सक्रिय भागीदारी निभाई। कार्यक्रम के दौरान ओडिया भाषा की महत्ता, संरक्षण व प्रचार-प्रसार पर सारगर्भित चर्चा हुई। वक्ताओं ने युवाओं को मातृभाषा में पढ़ने और लिखने के लिए प्रेरित किया, ताकि भाषा की समृद्ध परंपरा को आगे बढ़ाया जा सके। इस अभूतपूर्व पहल को ओडिशा सरकार व शिक्षा विभाग द्वारा एक सशक्त सांस्कृतिक कदम माना जा रहा है, जो आने वाली पीढ़ियों को ओडिया भाषा की जड़ों से जोड़ने में सहायक सिद्ध होगा । और आने वाली पीढ़ियां ओडिया भाषा की समृद्धि विरासत को जान सकेंगी व उसे अपनाने की दिशा में आगे बढ़ सकेंगी ।